# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 495 CUTTACK, THURSDAY, MARCH 23, 2017/CHAITRA 2, 1939**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 22 ଫେବୃଆରୀ 2017

ସଂଖ୍ୟା 6189—RDM-LAC-DEO-0005/2017-R&DM.—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରାଞ୍ଚି–ବିଜୟୱାଡା–କୋରିଡୋର ପ୍ରକଳ୍ପରେ ରାସ୍ତା ନିର୍ମାଣ ନିମନ୍ତେ ମୌଜା ରଞ୍ଜନା, ଥାନା କୁଣ୍ଡେଇଗୋଳା, ତହସିଲି ରିଆମାଳ, ଜିଲ୍ଲା ଦେବଗଡରେ ନିମ୍ନ ତଫସିଲମତେ ପ୍ରାୟ 0.70 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ରାଞ୍ଚି–ବିଜୟୱାଡା–କୋରିଡୋର ପ୍ରକଳ୍ପରେ ରାସ୍ତା ନିର୍ମାଣ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥା/ଅଧିକାରୀଙ୍କର ନାମ – ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ଉପଖଣ୍ଡ, ଦେବଗଡ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – କୌଣସି ବିସ୍ଥାପନ ହେଉନାହିଁ ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ଦେବଗଡ ।

୬ । ଜମିର ବିବରଣୀ —

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ଦେବଗଡ | ରିଆମାଳ | ରଞ୍ଜନା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଯାଇଛି | ଏଥିସହିତ ସଂଲଗ୍ନ କରାଯାଇଛି | ଏଥିସହିତ ସଂଲଗ୍ନ କରାଯାଇଛି | ୦.୭୦ ଏକର | ଏଥିସହିତ ସଂଲଗ୍ନ କରାଯାଇଛି |

ଉକ୍ତ ଭୂମିର ଏକ ନକ୍ସା, ତଥା ବିସ୍ତୃତ ବିବରଣୀ ଦେବଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଦେବଗଡ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର 60 (ଷାଠିଏ) ଦିନ ମଧ୍ୟରେ ଦେବଗଡ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ଭୂମି ଅନୁସୂଚୀ**

| ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଭୂ-ଅର୍ଜନ ରକବା | ପ୍ରଜା |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୭ | ୩୩୯ | ଗୋ. ଦୁଇ | ୦.୦୩ | ୦.୦୧ | କ୍ଷୀରୋଦ ଚନ୍ଦ୍ର ପ୍ରଧାନ ଏବଂ ଅନ୍ୟମାନେ, ଜା. ଚଷା, ବା. ନିଜଗାଁ |
| ୯ | ୧୨୫ | ମା. ସା | ୦.୦୬ | ୦.୦୩ | ଗୁଣ୍ଡିଚା ନାଏକ, ଏବଂ ଅନ୍ୟମାନେ, ଜା. ଗଣ୍ଡ,ବା. କପାଗୋଳ |
| | ୧୨୬ | . . | ୦.୦୪ | ୦.୦୨ | |
| ୧୨ | ୧୨୩ | ମା. ସା | ୦.୦୬ | ୦.୦୧ | ଗୁରୁବାରି ଶବର ଏବଂ ଅନ୍ୟମାନେ, ଜା. ଶବର, ବା. ନିଜଗାଁ |
| | ୧୨୪ | ମା. ସା. | ୦.୫୯ | ୦.୦୨ | |
| ୩୩ | ୬୮ | ମା. ସା | ୦.୦୯ | ୦.୦୫ | ନୃପ ଦେହୁରୀ ଏବଂ ଅନ୍ୟମାନେ, ଜା. କନ୍ଧ, ବା. ନିଜଗାଁ |
| ୩୭ | ୫୬ | ମା. ସା | ୦.୩୨ | ୦.୧୭ | ପାଣ୍ଡୁ ଦେହୁରୀ, ପି. ଶୁକଦେବ ଦେହୁରୀ, ଜା. ଚଷା, ବା. ନିଜଗାଁ |
| | ୫୭ | ମା. ସା. | ୦.୦୨ | ୦.୦୧ | |
| ୩୮ | ୭୧ | ବେ. ସା | ୦.୪୪ | ୦.୦୭ | ପିତବାସ ପ୍ରଧାନ, ପି. ଫକୀର ମୋହନ ପ୍ରଧାନ, ଜା. ଚଷା, ବା. ନିଜଗାଁ । |
| | ୨୫୨ | ଗୋ. ଦୁଇ | ୦.୪୧ | ୦.୦୫ | |
| | ୨୫୬ | ମା. ସା. | ୦.୦୪ | ୦.୦୧ | |
| | ୨୬୮ | ଗୋ. ଦୁଇ | ୦.୪୪ | ୦.୨୨ | |
| ୪୮ | ୬୦ | ମା. ସା | ୦.୬୧ | ୦.୦୩ | ମୁନା ଦେହୁରୀ, ପି. ଦଶା ଦେହୁରୀ, ଜା. କନ୍ଧ, ବା. ନିଜଗାଁ |
| | | | **ମୋଟ** . . | ୦.୭୦ | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ସଂଗ୍ରାମ କେଶରୀ ମହାପାତ୍ର**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2365—173+20